# ୧୨ ଘଣ୍ଟିଆ ଚନ୍ଦ୍ରପୁର ବନ୍ଦ କଲେ ମହିଳା



ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଲକ୍ଷ୍ମୀ ମାଝିଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି

ବିଷମ କଟକ/ ଚନ୍ଦ୍ରପୁର, ୧୬।୧ (ବିଭୂତି ଭୂଷଣ ନାୟକ/ବିଜୟ ପ୍ରସାଦ ଉଲାକା)

ଆଦିବାସୀ ଯୁବତୀ ଲକ୍ଷ୍ମୀ ମାଝିଙ୍କ ହତ୍ୟା ଘଟଣାର ୨୭ ଦିନ ବିତିଥିଲେ ମଧ୍ୟ ପୋଲିସ ଏ ପର୍ଯ୍ୟନ୍ତ ଦୋଷୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି। କ୍ରାଇମ ବ୍ରାଞ୍ଚ ଟିମ୍‌ର ଏହାର ତଦନ୍ତ କରୁଥିବା ବେଳେ ଦିଲ୍ଲୀରୁ ୨ ଜଣିଆ ସେଣ୍ଟ୍ରାଲ ଫୋରେନ୍‌ସିକ ଟିମ୍ ଆସି ଘଟଣାର ଛାନ୍‌ଭିନ୍ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଚନ୍ଦ୍ରପୁର ବ୍ଲକ ୮ଟି ପଞ୍ଚାୟତର ଶତାଧିକ ମହିଳା ବନ୍ଦ ପାଳନରେ ସାମିଲ ହୋଇ ଚନ୍ଦ୍ରପୁର ଥାନା, ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଥିବାରୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ସେହିପରି ବନ୍ଦ ପାଳନକୁ ଚନ୍ଦ୍ରପୁରର ବ୍ୟବସାୟିକ ସଂଗଠନ ସମର୍ଥନ ଜଣାଇ ସମସ୍ତ ଦୋକାନ ବଜାର ବନ୍ଦ ରଖିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଷମକଟକ ଏସ୍‌ଡିପିଓ, ଚନ୍ଦ୍ରପୁର ବିଡିଓ ଓ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଚନ୍ଦ୍ରପୁର ବ୍ଲକରେ ଆଦିବାସୀ ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବଢ଼ିଚାଲିଛି। ବିଭିନ୍ନ ସମୟରେ ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଉଥିଲେ ସୁଦ୍ଧା ପୋଲିସ କାହାରିକୁ ଗିରଫ କରୁନାହିଁ। ତେଣୁ ପଞ୍ଚାୟତଠାରୁ ଆରମ୍ଭକରି ଗ୍ରାମାଞ୍ଚଳ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା, ନିଶାମୁକ୍ତ ପରିବେଶ ଗଠନ କରିବା ନେଇ ମହିଳାମାନେ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ନାରୀମାନେ ରାଜରାସ୍ତାକୁ ଓହ୍ଲାଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଛେଇବେ ନାହିଁ ବୋଲି ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ଚନ୍ଦ୍ରପୁର ମା' ଗୃହରେ ରହୁଥିବା ଲକ୍ଷ୍ମୀଙ୍କ ମୃତଦେହ ଡିସେମ୍ବର ୨୧ରେ ସନ୍ଦେହଜନକ ଭାବେ ଉଦ୍ଧାର ହୋଇଥିଲା। ଲକ୍ଷ୍ମୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ବେଲେଧର ମାଝି ଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ୨୧ କେଜି ଗଞ୍ଜେଇ ଜବତ, ୨ ଗିରଫ



ବିଷମ କଟକ,୧୬।୧(ବିଭୂତି ଭୂଷଣ ନାୟକ)

ବିଷମକଟକ ପୋଲିସ ରେଳ ଷ୍ଟେଶନ ନିକଟରେ ଥିବା ଚାଟିକୋଣା ହାଟପଦାରେ ଚଢ଼ାଉ କରି ୨୧ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ୨ ଅଭିଯୁକ୍ତ ଫୁଲବାଣୀରୁ ଗଞ୍ଜେଇ ଆଣି ଟ୍ରେନ୍ ଯୋଗେ କେରଳ ଚୋରାଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ପୋଲିସ ହାତରେ ଧରାପଡିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶର ବୁରାହ୍ନ ଅହମ୍ମଦ(୨୬) ଏବଂ ପଶ୍ଚିମବଙ୍ଗର ମହମ୍ମଦ ରବି (୨୩)। ଉଭୟଙ୍କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ବିଷମ କଟକ ଥାନା ଏସ.ଆଇ ପ୍ରଶନ୍ନ ନାୟକଙ୍କ ନେତୃତ୍ୱରେ ଏକ ଟିମ ସୋମବାର ଅପରାହ୍ନରେ ଗୋଡିଗୁଡାଠାରୁ ଚାଟିକୋଣା ଅଞ୍ଚଳରେ ଗାଡି ଯାଞ୍ଚ କରୁଥିଲେ। ଚାଟିକୋଣା ହାଟପଦାରେ ୨ଜଣ ବ୍ୟକ୍ତି ୨ଟି ଜରି ବସ୍ତା ଧରି ଥିବାରୁ ପୋଲିସ ସନ୍ଦେହ କରି ଉଭୟଙ୍କୁ ପଚରାଉଚାର କରିବା ସହ ବସ୍ତାଗୁଡିକ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଉଭୟଙ୍କୁ ବିଷମ କଟକ ଥାନାକୁ ଆଣି ପଚରାଉଚାର କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରିଥିଲେ। ଦୁଇ ବସ୍ତାରେ ୨୧ କିଲୋ ଗଞ୍ଜେଇ ଫୁଲବାଣୀ ଅଞ୍ଚଳରୁ ଆଣି ଚାଟିକୋଣାରୁ ଟ୍ରେନ ଯୋଗେ କେରଳ ଯିବାକୁ ଥିବା କହିଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬୩ ହଜାର ଟଙ୍କା ହେବ ପୋଲିସ ସୂଚନା ଦେଇଛି।

### ବ୍ଲକସ୍ତରୀୟ ପରାମର୍ଶ ଶିବିର

ଟିକିରି,୧୬।୧ (ପ୍ରଫୁଲ କୁମାର ବେହେରା)

କାଶୀପୁର ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ନିଯୁକ୍ତି ଅଧିକାରୀ ଯୋଗଦେଇ ଥିବା ବେଳେ କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝି, ପୁଡାପାଡି ସରପଞ୍ଚ, କାଶୀପୁର ସମିତିସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ କାଶୀପୁର ବ୍ଲକର ପ୍ରାୟ ୧୧୬ ଯୁବତୀ ଯୁବକ ନିଜ ନାମ ପଞ୍ଜୀକରଣ କରିଥିଲେ। କାଶୀପୁର ଓଏଲଏମ ଅଧୀକାରୀ କିଶୋର କରକରିଆଙ୍କ ସହ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ରାମମନ୍ଦିର ପ୍ରତିଷ୍ଠା ଦିନ ଆମିଷ ବଜାର ବନ୍ଦ ପାଇଁ ନିବେଦନ

ଗୁଣପୁର, ୧୬।୧(ପ୍ରଦୀପ କୁମାର ପାଢ଼ୀ)

ଆସନ୍ତା ୨୨ରେ ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ଗୁଣପୁର ସହରର ସମସ୍ତ ଆମିଷ ବଜାର ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ବିଶ୍ୱ ହିନ୍ଦୁ ପରିଷଦ ଗୁଣପୁର ଶାଖା ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ସେଦିନ ସମସ୍ତ ଜନସାଧାରଣ ନିରାମିଷ ଭୋଜନ କରିବାକୁ ନିବେଦନ କରାଯାଇଛି। ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇ ଉପଜିଲାପାଳ ଲଳିତ



କହଁର ଏବଂ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଥିଲା।

# ମୃତ ଶ୍ରମିକଙ୍କ ବୀମା ରାଶି ଲୁଟିନେଲେ ଦଲାଲ

ରାୟଗଡ଼ା,୧୬।୧(ଆଶିଷ ରଞ୍ଜନ ପଣ୍ଡା)

ଶ୍ରମିକଙ୍କ ବିକାଶ ଏବଂ ପରିବାରର ସୁରକ୍ଷା ପାଇଁ ରାଜ୍ୟ ସରକାର ବୀମା ଅର୍ଥ ରାଶି ଯୋଜନା କରିଛନ୍ତି। କୌଣସି ଶ୍ରମିକଙ୍କ ମୃତ୍ୟୁ କିମ୍ବା କିଛି ଅଘଟଣ ଘଟିଲେ ପରିବାରବର୍ଗ ବୀମା ରାଶି ପାଇବାର ନିୟମ ରହିଛି। ହେଲେ ରାୟଗଡ଼ା ଜିଲାରେ ଦଲାଲଙ୍କ କବଳରେ ପଡ଼ି ହନ୍ତସନ୍ତ ହେଉଛନ୍ତି ମୃତ ଶ୍ରମିକଙ୍କ ପରିବାର। ସମ୍ପୃକ୍ତ ଦଲାଲମାନେ ଅଶିକ୍ଷିତ ଲୋକଙ୍କ ସରଳତାର ସୁଯୋଗ ନେଇ ବୀମା ରାଶି ଲୁଟି ନେଉଥିବା ଅଭିଯୋଗ ହେଉଛି। ସେଥିରୁ ଗୋଟେ ଭାଗ ସରକାରୀ ବାବୁମାନଙ୍କୁ ଦିଆଯାଉଥିବା ଦଲାଲମାନେ କହୁଛନ୍ତି। ଫଳରେ ପ୍ରକୃତ ହିତାଧିକାରୀ ଅଭିଯୋଗ ନ କରି ଚୁପ୍ ରହୁଥିବା ଦେଖିବାକୁ ମିଳିଛି।

ରାୟଗଡ଼ା ବ୍ଲକ ତାଡ଼ମା ପଞ୍ଚାୟତ ଗୌଡ଼ଖିଲୁମ ଗାଁର ନିର୍ମାଣ ଶ୍ରମିକ ଦାଲାନା କାଡ୍ରାକାଙ୍କ ଗତ ୩ ମାସ ପୂର୍ବେ ମୃତ୍ୟୁ ଘଟିଥିଲା। ତାଙ୍କ ବିଧବା ସ୍ତ୍ରୀ ଲୁବେ କାଡ୍ରାକା ଏବେ ଛୋଟ ଛୋଟ ୩ ପିଲାଙ୍କୁ ନେଇ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି।



ମୃତ ଶ୍ରମିକଙ୍କ ସ୍ତ୍ରୀ ଲୁବେ କାଡ୍ରାକା।

ମୃତ ଦାଲାନାଙ୍କର ନିର୍ମାଣ ଶ୍ରମିକ ପ୍ରମାଣପତ୍ର ଥିବାରୁ ଗ୍ରାମର କେତେଜଣ ଲୋକଙ୍କ ଉଦ୍ୟମରେ ଲୁବେ ସରକାରଙ୍କ ବୀମା ରାଶି ଆବେଦନ କରିଥିଲେ। କିଛିଦିନ ପରେ ଲୁବେଙ୍କ ଆକାଉଣ୍ଟରେ ୨ ଲକ୍ଷ ଟଙ୍କା ଜମା ହୋଇଥିଲା। କିନ୍ତୁ ଲୁବେଙ୍କ ବ୍ୟାଙ୍କ ଖାତା ସହ ନିର୍ମାଣ ଶ୍ରମିକ

### ଶ୍ରମ ବିଭାଗ ନୀରବଦ୍ରଷ୍ଟା

ପ୍ରମାଣପତ୍ର ଦଲାଲ ମୀନା କରକରିଆଙ୍କ କବ୍‌ଜାରେ ଥିବାରୁ ସେ ଆକାଉଣ୍ଟରୁ ଟଙ୍କା ଉଠାଇପାରି ନ ଥିଲେ। ଲୁବେଙ୍କ ଦ୍ୱିତୀୟ ସନ୍ତାନ ଅସୁସ୍ଥତା କାରଣରୁ ଟଙ୍କା ଦରକାର ହେବାରୁ ସେ ମୀନାଙ୍କୁ ତାଙ୍କ ପାସ୍‌ବୁକ୍ ମାଗିଥିଲେ। ବୀମା ରାଶିରୁ ୭୫ ହଜାର ଟଙ୍କା ଦେଲେ ସେ ପାସ୍‌ବୁକ୍ ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଦେବେ ନଚେତ୍ କୌଣସି ଟଙ୍କା ବା ସରକାରୀ ସୁବିଧା ମିଳିବ ନାହିଁ ବୋଲି ସେ ଧମକ ଦେଇଥିବା ଲୁବେ ଅଭିଯୋଗ କରିଛନ୍ତି। ଲୁବେ ବୀମା ରାଶିରୁ ୨୦ ହଜାର ଟଙ୍କା ଦେବାକୁ କହିବାରୁ ଏ ଟଙ୍କା ମୋର ନୁହେଁ, ରାୟଗଡ଼ା ଅଫିସରୁ ଆରମ୍ଭକରି ଭୁବନେଶ୍ୱର ପର୍ଯ୍ୟନ୍ତ ସମସ୍ତଙ୍କୁ ବଣ୍ଟାଯିବ ବୋଲି ମୀନା କହିଥିଲେ। ଶେଷରେ ଲୁବେ ବାଧହୋଇ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ଦଲାଲଙ୍କୁ ଦେଇଥିବା କହିଛନ୍ତି। ଅସହାୟ ଆଦିବାସୀ ବିଧବାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ତଦନ୍ତକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ଜଣେ ବ୍ୟକ୍ତି ଆନନ୍ଦ ମିଣିଆକା ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ କୌଣସି ଦଲାଲ ରୁହନ୍ତି ନାହିଁ। ଏହା ଆମ ଦାୟିତ୍ୱ ନୁହେଁ, ଏ ନେଇ ପୋଲିସରେ ଅଭିଯୋଗ କରିବାକୁ ସେ କହିଛନ୍ତି। ତେବେ ଦଲାଲ ବୀମା ରାଶି ହଡ଼ପ କରିବା ନୂଆ ନୁହେଁ, ବରଂ ପୂର୍ବରୁ ସ୍ଥାନୀୟ ଏକ ବ୍ୟାଙ୍କରେ ହିତାଧିକାରୀଙ୍କୁ ଧମକାଉଥିବା ଜଣେ ଦଲାଲ ଧରାପଡ଼ିଥିଲେ। ସେହିଭଳି ଆହୁରି ଅନେକ ଉଦାହରଣ ମଧ୍ୟ ରହିଛି। ଜିଲା ଶ୍ରମ କାର୍ଯ୍ୟାଳୟରେ ଯଦି କୌଣସି ଦଲାଲ ସକ୍ରିୟ ନାହାନ୍ତି, ତେବେ ନିରୀହ ଲୋକେ ଦଲାଲ କବଳରେ ପଡୁଛନ୍ତି କିଭଳି ଏବଂ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉଥିବା ସମସ୍ତ ପ୍ରକ୍ରିୟା ଜିଲା ଶ୍ରମ କାର୍ଯ୍ୟାଳୟରେ କିଭଳି ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ତଦନ୍ତ କରାଗଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଦାବି ହୋଇଛି।

# ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ଜବାବ ତଲବ

ରାୟଗଡ଼ା/ବିଷମକଟକ,୧୬।୧
(ଆଶିଷ ରଞ୍ଜନ ପଣ୍ଡା/ବିଭୂତି ଭୂଷଣ ନାୟକ)

ଜିଲାସ୍ତରୀୟ ନୂଆ–ଓ କାର୍ଯ୍ୟକ୍ରମରେ ଘଟିଥିବା ଅଘଟଣ ଓ ଅନିୟମିତତାକୁ ନେଇ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। କଂଗ୍ରେସ ଓ ଭାଜପା ଦଳ ଏହାର ଦୃଢ଼ ନିନ୍ଦା କରିବା ସହିତ ତଦନ୍ତ ପାଇଁ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଛି। ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ଘଟଣା ବିଷୟରେ ଜବାବ ତଲବ କରିଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକକୁ ପିଲାଙ୍କ ପିଛା ଯିବାଆସିବା ଓ ଖାଦ୍ୟ ନିମନ୍ତେ ୪୦୦ଟଙ୍କା ଅନୁଦାନ ଆସିଥିଲା। ଗୁଡ଼ାରି ବ୍ଲକରୁ ୪୦୦ରୁ ଊର୍ଦ୍ଧ୍ୱ, ବିଷମକଟକ ବ୍ଲକରୁ ୩୦୦ରୁ ଊର୍ଦ୍ଧ୍ୱ ଏବଂ ଗୁଣପୁର ଓ ରାୟଗଡ଼ା ବ୍ଲକରୁ ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପିଲାମାନେ ସଠିକ୍ ଭାବେ ଖାଇବାକୁ ପାଇ ନ ଥିବା ଏବଂ ଖାଇବା ସ୍ଥାନ ନିକଟରେ ଅଘଟଣ ଘଟି ୨ ଛାତ୍ରୀ ଗୁରୁତର ହୋଇଥିଲେ। ଏହିସବୁ ଅନିୟମିତତା ନେଇ ଅଭିଭାବକମାନେ ସମ୍ପୃକ୍ତ ଅଞ୍ଚଳର ବିଡ଼ିଓଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ରାଜ୍ୟ ସରକାର ପିଲାଙ୍କ ସମସ୍ତ ଖର୍ଚ୍ଚବହନ କରିବାକୁ ଦାୟିତ୍ୱ ଦେବା ସହ ବ୍ଲକକୁ ଆଗୁଆ ଅନୁଦାନ ଦେଇଥଲେ ମଧ୍ୟ ସେମାନେ କାହିଁକି କୌଣସି

### ନୂଆ-ଓ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ

ବ୍ୟବସ୍ଥା ନ କରି ଜିଲା ପରିଷଦ ବିଭାଗ କଲା ତାହା ତଦନ୍ତ ସାପେକ୍ଷ। ବର୍ତ୍ତମାନ ଉକ୍ତ ଅନୁଦାନ ରାଶି ଖର୍ଚ୍ଚ ହୋଇ ନ ଥିବା ବେଳେ ଜିଲା ପରିଷଦ ବିଭାଗ ବିଡ଼ିଓମାନଙ୍କୁ ଡାକି ଅନୁଦାନ ହସ୍ତାନ୍ତର କରିବାକୁ କହିବା ପଛର ରହସ୍ୟ କଣ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତେବେ କିଛି ବିଡ଼ିଓଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଉକ୍ତ ଟଙ୍କା ସମ୍ପୃକ୍ତ ଏଜେନ୍ସିକୁ ଦେବା ପାଇଁ ବ୍ଲକକୁ ଅନୁଦାନ ଆସିଥିବା କହିଛନ୍ତି। ଅନ୍ୟପଟେ ଅନୁଦାନ ବ୍ୟବହାର ନ ହୋଇ କିଭଳି କାର୍ଯ୍ୟକ୍ରମ ସମ୍ଭବ ହେଲା ତାହା ମଧ୍ୟ ତଦନ୍ତ ସାପେକ୍ଷ। ଏ ନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ କହଁରଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ହେଁ ଯୋଗାଯୋଗ ସମ୍ଭବପର ହୋଇପାରି ନ ଥିଲା। ତେବେ ଏହି ଘଟଣାକୁ ନେଇ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝିଙ୍କୁ ପଚାରିବାରୁ ମୁଁ ବାହାରେ ଅଛି। ରାୟଗଡ଼ା ଫେରିବା ପରେ କଥା ହେବି ବୋଲି କହି କଥାକୁ ଏଡ଼ାଇ ଦେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ଘଟଣାକୁ ନେଇ ରାଜ୍ୟ ସରକାର ଜିଲା ପରିଷଦକୁ ଘଟଣା ବିଷୟରେ ଜବାବ ତଲବ କରିଥିବା ଜଣାପଡ଼ିଛି।

# କଳାକାରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜିଲାପାଳଙ୍କ ଦ୍ୱାରସ୍ଥ

ରାୟଗଡ଼ା,୧୬।୧ (ଭାଗ୍ୟଶ୍ରୀ ମିଶ୍ର )

ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ନାଟକ ପରିବେଷଣ ପାଇଁ ସ୍ଥାନୀୟ ନାଟ୍ୟ ଅନୁଷ୍ଠାନ ରୟାଲ ଚ୍ୟାଲେଞ୍ଜର କଲଚରାଲ ଆସୋସିଏଶନର କଳାକାରଙ୍କୁ ନାଟକ ଅଭ୍ୟାସ କରିବାକୁ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁମତି ଦିଆଗଲା ନାହିଁ। ଏଥିସହ ଅଡିଟୋରିୟମ କର୍ତ୍ତୃପକ୍ଷ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା କଳାକାରମାନେ ଅଭିଯୋଗକରି ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ରାୟଗଡ଼ାରେ ଆସନ୍ତା ୧୭ରେ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ସ୍ଥାନୀୟ ନାଟ୍ୟ ଅନୁଷ୍ଠାନ ରୟାଲ ଚାଲେଞ୍ଜର୍ସ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ବରିଷ୍ଠ କଳାକାର ନାଟ୍ୟଶ୍ରୀ ଡ. ନରେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ 'ମାଧବ ସନ୍ଧାନେ' ନାଟକ ପରିବେଷଣ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କଳାକାରମାନେ।

ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଗତ ୯ ତାରିଖରେ ଜିଲାପାଳ ସ୍ୱାଧାଦେବ ସିଂ ଚିଠି ନମ୍ବର ୧୨ ଦ୍ୱାରା ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ କଳାକାରଙ୍କ ଅଭ୍ୟାସ ପାଇଁ ୧୫ ରୁ ୧୭ ପର୍ଯ୍ୟନ୍ତ ଅଡିଟୋରିୟମ ଦିଆଯାଉ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ କଳାକାରମାନେ ମଙ୍ଗଳବାର ଅଭ୍ୟାସ କରିବାକୁ ବିଜୁ ପଟ୍ଟନାୟକ ଅଡିଟୋରିୟମକୁ ଯାଇଥିଲେ ମଧ୍ୟ ଅଡିଟୋରିୟମ ଲିଜ୍‌ଧାରୀ ବ୍ୟକ୍ତି ଏବଂ ଅନ୍ୟମାନେ ସେମାନଙ୍କୁ ଭିତରକୁ ପ୍ରବେଶ ପାଇଁ ମନା କରିଥିଲେ। ଆମେ କୌଣସି ସରକାରୀ ନିର୍ଦ୍ଦେଶନାମା ପାଇନାହୁଁ ଏହାର ଟଙ୍କା କିଏ ଦେବ ବୋଲି ଓଲଟା ପ୍ରଶ୍ନ କରିଥିଲେ। ଏଥିସହ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା କଳାକାରମାନେ ଅଭିଯୋଗ କରିଛନ୍ତି। ଫଳରେ କଳାକାରମାନେ ବାଧହୋଇ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇବା ପରେ ଜିଲାପାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କ ଉପସ୍ଥିତିରେ ଅଡିଟୋରିୟମ ରୁମ୍ ମିଳିଥିଲା।

### ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ନାଟକ ମଞ୍ଚସ୍ଥ

ଅନ୍ୟପକ୍ଷରେ ଜଗନ୍ନାଥଙ୍କ ନାଟକକୁ ରାଜ୍ୟ ତଥା ଦେଶରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଦୂରଦୂରାନ୍ତରୁ ବହୁ କଳାକାର ୨ ଦିନ ପାଇଁ ଆସିଥିବାବେଳେ ଏଭଳି ଅସମ୍ମାନକୁ ଅନୁଷ୍ଠାନର ସଭାପତି ମିହିର ମିଶ୍ର ଏବଂ ପ୍ରସାଦ ରାଜଗୁରୁ ଦୃଢ଼ ନିନ୍ଦା କରିଛନ୍ତି। ଅବ୍ୟବସ୍ଥା ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅହମ୍ମଦଙ୍କୁ ପଚାରିବାରୁ ଏବେ ସବୁ ସମସ୍ୟାର ସମାଧାନ ହୋଇଗଲା। ଏ ସମ୍ପର୍କରେ ସଂସ୍କୃତି ଅଧିକାରୀ ଆପଣଙ୍କୁ ଅବଗତ କରିଥିଲେ କି ପ୍ରଶ୍ନରେ ସେ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ବସ୍ତ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧାତାହା ସମ୍ଭବ ହୋଇପାରି ନାହିଁ।

# ଇଭିଏମ୍, ଭିଭିପିଏଟି ସଚେତନତା ରଥ ଶୁଭାରମ୍ଭ

ଗୁଣପୁର,୧୬।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଲଳିତ କୁମାର କହଁରଙ୍କ ଦ୍ୱାରା ଇଭିଏମ୍ ଏବଂ ଭିଭିପିଏଟି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂଙ୍କ ତତ୍ତ୍ୱାବଧାନରେ ଜିଲାର ପ୍ରତି ବ୍ଲକରେ ସଚେତନ ରଥ ବୁଲି ଇଭିଏମ୍, ଭିଭିପିଏଟିରେ କିପରି ନିର୍ଭୁଲ୍ ଭାବେ ଭୋଟପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ଗୁଣପୁର ସଦର ମହକୁମାରୁ ଗୋଟିଏ ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ଗୁଣପୁର ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ବୁଥ୍‌କୁ ଯାଇ ଜନସଚେତନ କରିବ ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଜି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦର, ଡେପୁଟି କଲେକ୍ଟର ଅଭିଷେକ ସ୍ୱାଇଁ, ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ବିଜୁ ଜନତା ଦଳର ଅଶ୍ୱିନୀ ଗମାଙ୍ଗ, ବିଏସ୍‌ପିର କୈଳାସ ଶବର, ଭାଜପା ପକ୍ଷରୁ ଟିଙ୍କୁ ପଣ୍ଡା, ପ୍ରେସ୍ କ୍ଲବ ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ, ବରିଷ୍ଠ ଖବରଦାତା ପି. ନାଗଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ସତୀଶ କୁମାର ଭୋଇ, ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ କୁମାର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁରଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଇଭିଏମ୍ ସଚେତନତା କକ୍ଷକୁ ଉପଜିଲାପାଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟାଳୟକୁ ଆସୁଥିବା ସମସ୍ତଙ୍କୁ ସଚେତନ କରିବା ପାଇଁ କର୍ମଚାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

# ୩୩ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ଗୁଣପୁର,୧୬।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅନୁପସ୍ଥିତିରେ ଉପଜିଲାପାଳ ଲଳିତ କୁମାର କହଁର ମୋଟ ୩୩ ଅଭିଯୋଗ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସେଗୁଡ଼ିକର ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ୨୫ ବ୍ୟକ୍ତିଗତ ଓ ୮ ସାମୂହିକ ଅଭିଯୋଗ ଦାଖଲ ହୋଇଥିଲା। ବିଶେଷକରି ରାସ୍ତା, ବିଦ୍ୟୁତ୍, ବିଜୁ ପକ୍କାଘର, ପିଲାମାନଙ୍କୁ ବିଦ୍ୟାଳୟ ଓ ହଷ୍ଟେଲରେ ନାମଲେଖା ନିମନ୍ତେ ଦରଖାସ୍ତଗୁଡ଼ିକ ଦାଖଲ ହୋଇଥିଲା। ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ଏପି ନରେନ୍ଦ୍ର ନାୟକ, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ତହସିଲଦାର ଲୀଳାବତୀ ଆଚାର୍ଜି, ଜିଲା ମଙ୍ଗଳ ଅଧିକାରୀ ବିଭୂତି ଭୂଷଣ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁରଜ ନାୟକ, ଡେପୁଟି କଲେକ୍ଟର ଅଭିଷେକ ସ୍ୱାଇଁ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ସ୍ୱାଇଁ, ଶୁଭ୍ରଜିତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ଏବଂ ଏସ୍‌ପି ଅନୁପସ୍ଥିତ ଥିବାରୁ ଅଭିଯୋଗକାରୀମାନେ ନିରାଶ ହୋଇଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

# ଇଭିଏମ୍, ଭିଭିପିଏଟି ସମ୍ବନ୍ଧରେ ସଚେତନତା

ରାୟଗଡ଼ା,୧୬।୧
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

ନିର୍ବାଚନ ଆୟୋଗ ନିର୍ଦ୍ଦେଶକ୍ରମେ ଜିଲାରେ ନିର୍ବାଚନ ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ନିର୍ବାଚନରେ ୭୫ ପ୍ରତିଶତ ମତଦାନ ବ୍ୟବସ୍ଥା ନିମନ୍ତେ ସଚେତନତା ପାଇଁ ନିର୍ବାଚନ ଆୟୋଗ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଇଭିଏମ୍ ମେଶିନ ମାଧ୍ୟମରେ ଭୋଟ ପାଇଁ ଇଭିଏମ୍ ଡେମୋନ୍‌ଷ୍ଟ୍ରେଶନ ସେଣ୍ଟର (ଇଡିସି) ଖୋଲାଯାଇଥିବା ବେଳେ ମଙ୍ଗଳବାର ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଇଡିସି ସେଣ୍ଟର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡ଼ି, କଂଗ୍ରେସ ଓ ଭାଜପା ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ରାୟଗଡ଼ା ନିର୍ବାଚନମଣ୍ଡଳୀର ପୌରାଞ୍ଚଳ, ରାୟଗଡ଼ା ବ୍ଲକ ଏବଂ କାଶୀପୁର ବ୍ଲକରେ ପ୍ରତ୍ୟେକ ବୁଥ୍‌ରେ ମୋବାଇଲ ଭ୍ୟାନ୍ ବୁଲି




ଇଭିଏମ ଓ ଭିଭିପିଏଟି ମେଶିନର କାର୍ଯ୍ୟକାରିତା ସମ୍ପର୍କରେ ସୂଚିତ ଲିଫଲେଟ୍ ପ୍ରଦର୍ଶିତ କରାଯାଉଛି।

ଇଭିଏମ ମାଧ୍ୟମରେ ଭୋଟିଂ ପାଇଁ ୧୬ରୁ ଆରମ୍ଭ ହୋଇ ଫେବୃଆରି ୧୪ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଚାଲିବା ନେଇ ସୂଚନା ମିଳିଛି।

ରାୟଗଡ଼ା ନିର୍ବାଚନମଣ୍ଡଳୀ କାଶୀପୁର ବ୍ଲକର ୧୩୩, ରାୟଗଡ଼ା ବ୍ଲକର ୧୧୨ ଏବଂ ରାୟଗଡ଼ା ପୌରାଞ୍ଚଳର ୫୬ଟି ବୁଥ୍ ସ୍ତରରେ ଇଭିଏମ୍ ବ୍ୟବହାର ନେଇ ପ୍ରଶିକ୍ଷଣ କରାଯିବ। ପ୍ରତ୍ୟେକ ବୁଥ୍‌ସ୍ତରରେ ଲୋକଙ୍କୁ ଇଭିଏମ୍ ବ୍ୟବହାର କରିବା ଶିଖେଇବା ସହ ଭୋଟ ଦେବା ପାଇଁ ସଚେତନ କରାଯିବ। ଏଥିପାଇଁ ମୋଟ ୧୨ଟି ଇଭିଏମ୍ ଓ ଭିଭିପିଏଟି ମେଶିନ ବ୍ୟବହାର କରାଯାଉଛି। ସେଥିମଧ୍ୟରୁ ୩ଟି ସେଟ୍ ଡେମୋନଷ୍ଟ୍ରେଶନ୍ ସେଣ୍ଟର ପାଇଁ ଏବଂ ୯ଟି ସେଟ୍ ୩ଟି ମୋବାଇଲ ଭ୍ୟାନ ପାଇଁ ବ୍ୟବହାର କରାଯାଉଥିବା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ସୂଚନା ଦେଇଛନ୍ତି। ଏହି ଅବସରରେ ଇଭିଏମ୍ ମାଧ୍ୟମରେ ହେଉଥିବା ସ୍ୱଚ୍ଛ ମତଦାନ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଜାତୀୟସ୍ତରରେ ଇଭିଏମ୍ ସେଣ୍ଟ୍ରାଲ ମନିଟରିଂ ଟିମ୍ ଦ୍ୱାରା କେଉଁ ଇଭିଏମ୍ ମେଶିନ କେଉଁ ବୁଥ୍ ଏବଂ କେଉଁଠାରେ ସ୍ଥାନିତ କରାଯାଇଛି, ତାହା ଟିମ୍ ଦ୍ୱାରା ଟ୍ରାକିଂରେ ରହୁଛି। ନିର୍ବାଚନ ପୂର୍ବରୁ ୩ରୁ ଅଧିକ ପର୍ଯ୍ୟାୟରେ ଇଭିଏମ୍ ଓ ଭିଭିପିଏଟି ମେଶିନକୁ ପରୀକ୍ଷାନିରୀକ୍ଷା କରାଯାଏ। ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଡକାଯାଇ ସେମାନଙ୍କ ସମ୍ମୁଖରେ ସମସ୍ତ ପ୍ରକ୍ରିୟା ଟିକିନିଖି ଯାଞ୍ଚ କରାଯାଏ। ପ୍ରତ୍ୟେକ ମେଶିନ୍‌ର ଗୋଟିଏ ବିଶେଷ କୋଡ୍ ରହିଛି। ଏହାଦ୍ୱାରା ପ୍ରତ୍ୟେକ ମେଶିନ୍ ଟ୍ରାକିଂ କରାଯାଇପାରୁଛି। ଏହି ସମସ୍ତ ପ୍ରକ୍ରିୟା ମଧ୍ୟରେ କୌଣସି ମେଶିନ୍‌ରେ ତୃଟି ବାହାରିଲେ ସେଗୁଡ଼ିକୁ ପୁନଃ ନିର୍ବାଚନ ଆୟୋଗକୁ ଠିକ୍ କରିବା

### ଶୁଭାରମ୍ଭ ହେଲା ଇଭିଏମ୍ ଡେମୋନଷ୍ଟ୍ରେଶନ, ମୋବାଇଲ ଭ୍ୟାନ୍

ପାଇଁ ପଠାଯାଇଥାଏ। ତେବେ ନିର୍ବାଚନ ସମୟରେ କୌଣସି ଇଭିଏମ୍ ମେଶିନ୍‌ରେ ତ୍ରୁଟି ଅଥବା ଖରାପ ହେଲେ ସଙ୍ଗେ ସଙ୍ଗେ ନୂତନ ମେଶିନ୍ ଲଗାଇବା ପାଇଁ ୨୫ରୁ ୩୦ ପ୍ରତିଶତ ଅଧିକା ଇଭିଏମ୍ ମେଶିନ୍ ଗଚ୍ଛିତ ରଖାଯାଇଥାଏ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଏଭଳିକି ପ୍ରାର୍ଥିଙ୍କ ନାମାଙ୍କନ ପରେ ସମସ୍ତ ଦଳୀୟ ପ୍ରାର୍ଥୀଙ୍କ ଉପସ୍ଥିତିରେ ପ୍ରାର୍ଥୀଙ୍କ ନାମ ଓ ପାର୍ଟି ଲୋଗୋ ଦେଇ ବାଲାଟ ପେପର ଅପଲୋଡ୍ ହେବ। ଏଥିରେ କୌଣସି ବ୍ୟତିକ୍ରମ କିମ୍ବା ଜାଲିଆତି ହେବା ନେଇ ସମ୍ଭାବନା ନାହିଁ ବୋଲି ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା କହିଛନ୍ତି। ଡେପୁଟି କଲେକ୍ଟର ପ୍ରଜ୍ଞା ପରିମିତା ଏବଂ ଆସିଷ୍ଟାଣ୍ଟ କଲେକ୍ଟର ପ୍ରଫୁଲ କୁମାର ବେହେରା ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

